ୟୁ.ପି. ରାଜ୍ୟ ଏବଂ ଅନ୍ୟଜଣେ

ବନାମ

ରାମ ଆଧାର

(ଦେୱାନୀ ଆବେଦନ ସଂଖ୍ୟା 5691/2002)

10 ଏପ୍ରିଲ, 2008

**(ଏଚ. କେ. ସେମା ଏବଂ ମାର୍କଣ୍ଡେୟ କାଟଜୁ, ନ୍ୟାୟମୂର୍ତ୍ତିଦ୍ୱୟ)**

*ସେବା ଆଇନ:*

*ଷ୍ଟେନୋଗ୍ରାଫରଙ୍କ ଅସ୍ଥାୟୀ ନିଯୁକ୍ତି - ତିନି ମାସ ପାଇଁ - ନିର୍ଦ୍ଧାରିତ ଅବଧି ପରେ ଜାରି - ପଦସ୍ଥ ବ୍ୟକ୍ତି ପରୀକ୍ଷାରେ ବିଫଳ ହେଲେ - ନିୟମିତ ନିଯୁକ୍ତି ପର୍ଯ୍ୟନ୍ତ ତାଙ୍କୁ କାର୍ଯ୍ୟରେ ଜାରି ରଖିବାକୁ ଅନୁମତି ଦେବା ପାଇଁ ତାଙ୍କ ଆଜ୍ଞାଦେଶ ଆବେଦନରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ - ନିର୍ଣ୍ଣୟ ହେଲା: ଅସ୍ଥାୟୀ ନିଯୁକ୍ତ ବ୍ୟକ୍ତିଙ୍କ ଏହି ପଦବୀ ଉପରେ କୌଣସି ଅଧିକାର ନାହିଁ - ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରିଦିଆଯାଇଛି ।*

*ୟୁ.ପି. ରାଜ୍ୟ ବନାମ କୌଶଳ କିଶୋର,* **(1991) 1 SCC 691- ଉପରେ ନିର୍ଭରଶୀଳତା ରଖାଯାଇଥିଲା ।**

ସେବା ଆଇନ :

ସ୍ୱତନ୍ତ୍ର ଦକ୍ଷତା ଆବଶ୍ୟକ କରୁଥିବା ପଦବୀରେ ନିଯୁକ୍ତି - ନିର୍ଣ୍ଣୟ ହେଲା: ଏହିପରି ପଦବୀରେ ନିଯୁକ୍ତି ପାଇଁ, କୌଣସି ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା କୌଣସି ସୁପାରିଶକୁ ଅଣଦେଖା କରି ଯୋଗ୍ୟତା ହିଁ ଏକମାତ୍ର ମାନଦଣ୍ଡ ହେବା ଉଚିତ - ଯଦି ନ୍ୟାୟାଳୟ ପାଇଁ ଜଣେ ଅକ୍ଷମ ଷ୍ଟେନୋଗ୍ରାଫର ନିଯୁକ୍ତ ହୁଅନ୍ତି, ତେବେ ଫଳାଫଳ ହେବ ଯେ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ପାରିତ ସଠିକ୍ ଆଦେଶ ଲିପିବଦ୍ଧ ହେବ ନାହିଁ ଏବଂ ଏହା ଅନେକ ସମସ୍ୟା ସୃଷ୍ଟି କରିବ - ନ୍ୟାୟମୂର୍ତ୍ତିଙ୍କ ଅଧିକାଂଶ ସମୟ ସଂଶୋଧନ କରିବାରେ ବିତିବ - ତେଣୁ, ଏହିପରି ପଦବୀରେ ବ୍ୟକ୍ତି ଚୟନ କରିବାରେ ଚୟନ କମିଟି ଦ୍ୱାରା ବହୁତ ଯତ୍ନ ନିଆଯିବା ଆବଶ୍ୟକ ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 5691/2002 ।

ଏସ୍.ଏ. ସଂଖ୍ୟା 185/2001ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ (ଲକ୍ଷ୍ନୌ ଖଣ୍ଡପୀଠ) ଲକ୍ଷ୍ନୌର 14.8.2001 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ପାଇଁ ଫୁଜୈଲ୍ ଖାନ୍, ସେହଦେବ ସିଂ, ଅନୀଲ କୁମାର ଝା ଏବଂ ରବି ପ୍ରକାଶ ମେହରୋତ୍ରା ।

ଉତ୍ତରଦାତାଙ୍କ ପାଇଁ କେ. ଶାରଦା ଦେବୀ ।

ନ୍ୟାୟାଳୟର ଆଦେଶ ପ୍ରଦାନ କରାଯାଇଥିଲା

ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ନ୍ୟାମୂର୍ତ୍ତିଙ୍କ ଖଣ୍ଡପୀଠ ଦ୍ୱାରା ପାରିତ ହୋଇଥିବା 14.08.2001 ତାରିଖର ରାୟ ଏବଂ ଆଦେଶ ବିରୁଦ୍ଧରେ ରାଜ୍ୟ ଦ୍ୱାରା ଦାୟର ହୋଇଥିବା ଏହି ଆବେଦନ ନିର୍ଦ୍ଦେଶିତ ।

ପକ୍ଷ ମାନଙ୍କୁ ଶୁଣିଲୁ ।

ଏଠାରେ ଉତ୍ତରଦାତାଙ୍କୁ ତିନି ମାସର ଅବଧି ପାଇଁ ଷ୍ଟେନୋଗ୍ରାଫର ପଦବୀରେ ଅସ୍ଥାୟୀ ଆଧାରରେ ନିଯୁକ୍ତ କରାଯାଇଥିଲା । ସମୟ ଦୁଇଥର ବୃଦ୍ଧି କରାଯାଇଥିଲା ଏବଂ ଶେଷରେ, ଉତ୍ତରଦାତା ମଧ୍ୟ ପରୀକ୍ଷାରେ ଉପସ୍ଥିତ ହୋଇଥିଲେ କିନ୍ତୁ ବିଫଳ ହୋଇଥିଲେ । ଉତ୍ତରଦାତା ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ସମ୍ମୁଖରେ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ । ନିୟମିତ ଭାବେ ମନୋନୀତ ଷ୍ଟେନୋଗ୍ରାଫର ପଦବୀରେ ଯୋଗଦେବା ପର୍ଯ୍ୟନ୍ତ ଉତ୍ତରଦାତାଙ୍କୁ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦେଇ ମାନ୍ୟବର ଏକକ ନ୍ୟାୟମୂର୍ତ୍ତି ଏହାର ଫଇସଲା କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ ମଧ୍ୟ ଏହାକୁ ନିଶ୍ଚିତ କରିଥିଲେ ।

15.10.2001ରେ ନୋଟିସ ଜାରି କରିବା ସମୟରେ ଏହି ନ୍ୟାୟାଳୟ ଉଭୟ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ଏବଂ ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ଆଦେଶକୁ ସ୍ଥଗିତ ରଖିଥିଲେ । ଅନ୍ତରୀଣ ଆଦେଶକୁ ଦୃଷ୍ଟିରେ ରଖି, ଉତ୍ତରଦାତା ଆଜି ସେବାରେ ନାହାଁନ୍ତି । ଅନ୍ୟଥା, ଷ୍ଟେନୋଗ୍ରାଫର ଭାବରେ ତିନି ମାସ ପାଇଁ ନିଯୁକ୍ତ ହୋଇଥିବା ଜଣେ ଆଡହକ୍ ନିଯୁକ୍ତିପ୍ରାପ୍ତ ବ୍ୟକ୍ତି, ଯାହାଙ୍କ କାର୍ଯ୍ୟକାଳ ଆହୁରି ବୃଦ୍ଧି କରାଯାଇଛି, ସେ ପରୀକ୍ଷାରେ ବିଫଳ ହେବା ପରେ ତାଙ୍କୁ ଜନସ୍ୱାର୍ଥ ପାଇଁ କାର୍ଯ୍ୟ ଜାରି ରଖିବା ପାଇଁ ଅନୁମତି ଦିଆଯିବା ଉଚିତ୍ ନୁହେଁ ।

ଏହା ଉଲ୍ଲେଖ କରାଯାଇପାରେ ଯେ ଆଇନର କୌଣସି ନୀତି ନାହିଁ ଯେ ଅସ୍ଥାୟୀ କ୍ଷମତାରେ ନିଯୁକ୍ତ ବ୍ୟକ୍ତିଙ୍କର ନିୟମିତ ଚୟନ ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିବାର ଅଧିକାର ଅଛି । ବରଂ, ଆଇନଗତ ସ୍ଥିତି ହେଉଛି ଏହାର ଠିକ୍ ବିପରୀତ, ଅର୍ଥାତ୍, ୟୁ.ପି. ରାଜ୍ୟ ବନାମ କୌଶଳ କିଶୋର, (1991) 1 SCC 691 ଅନୁଯାୟୀ ଜଣେ ଅସ୍ଥାୟୀ କର୍ମଚାରୀଙ୍କର ପଦବୀରେ କୌଣସି ଅଧିକାର ନାହିଁ । ତେଣୁ, ତାଙ୍କର ନିୟମିତ

ନିଯୁକ୍ତି ପର୍ଯ୍ୟନ୍ତ ଜାରି ରହିବାର ଅଧିକାର ତ ଦୂରର କଥା, ଅଧିକାର ଭାବରେ ଗୋଟିଏ ଦିନ ପାଇଁ ମଧ୍ୟ ଜାରି ରହିବାର କୌଣସି ଅଧିକାର ନାହିଁ ।

ଏହି ଏକମାତ୍ର ଆଧାରରେ ଆମେ ଉଚ୍ଚ ନ୍ୟାୟାଳୟର ମାନ୍ୟବର ଏକକ ନ୍ୟାୟମୂର୍ତ୍ତି ଏବଂ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠଙ୍କ ଉଭୟ ଆଦେଶକୁ ବାତିଲ କରିଦେଇଛୁ । ଏହି ଆବେଦନକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଏହି ମାମଲା ଛାଡ଼ିବା ପୂର୍ବରୁ ଆମେ ଉଲ୍ଲେଖ କରିବାକୁ ଚାହୁଁ ଯେ ଷ୍ଟେନୋଗ୍ରାଫରଙ୍କ ପରି ସ୍ୱତନ୍ତ୍ର ଦକ୍ଷତା ଆବଶ୍ୟକ କରୁଥିବା ପଦବୀରେ ଅନେକ ସମୟରେ ଚୟନ ଏବଂ ନିଯୁକ୍ତି କରାଯାଇଥାଏ । ଏଭଳି ପଦବୀରେ ଯୋଗ୍ୟତା ହିଁ ଏକମାତ୍ର ମାନଦଣ୍ଡ ହେବା ଉଚିତ । ତେବେ, ଅନେକ ସମୟରେ ଏଭଳି ନିଯୁକ୍ତି ଯୋଗ୍ୟତା ଆଧାରରେ ନୁହେଁ, ବରଂ କେତେକ ସୁପାରିସ ଆଧାରରେ କରାଯାଇଥାଏ, ଏବଂ ଏଭଳି ନିଯୁକ୍ତି ପ୍ରାୟତଃ ଅକ୍ଷମ ହୋଇଥାଏ ।

ଯଦି ଅଦାଲତ ପାଇଁ ଜଣେ ଅକ୍ଷମ ଷ୍ଟେନୋଗ୍ରାଫର ନିଯୁକ୍ତ ହୁଅନ୍ତି, ତେବେ ଫଳାଫଳ ହେବ ଯେ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ପାରିତ ସଠିକ୍ ଆଦେଶ ଲିପିବଦ୍ଧ ହେବ ନାହିଁ, ଏବଂ ଏହା ଅନେକ ସମସ୍ୟା ସୃଷ୍ଟି କରିବ । ନ୍ୟାୟମୂର୍ତ୍ତିଙ୍କ ଅଧିକାଂଶ ସମୟ ସଂଶୋଧନ କରିବାରେ ବିତିବ । ତେଣୁ ଚୟନ କମିଟି ଦ୍ୱାରା ଯେ କୌଣସି ବ୍ୟକ୍ତିଙ୍କ ସୁପାରିଶକୁ ଅଣଦେଖା କରି, ଯେତେ ଉଚ୍ଚପଦସ୍ଥ ହୋଇଥାଆନ୍ତୁ ନା କାହିଁକି, କେବଳ ଯୋଗ୍ୟତାର ଆଧାରରେ ଷ୍ଟେନୋଗ୍ରାଫର ଭଳି ବିଶେଷ ଦକ୍ଷତା ଆବଶ୍ୟକ କରୁଥିବା ପଦବୀରେ ନିଯୁକ୍ତି ପାଇବା ପାଇଁ ବ୍ୟକ୍ତିମାନଙ୍କୁ ଚୟନ କରିବାରେ ବହୁତ ସତର୍କତା ଅବଲମ୍ବନ କରାଯିବା ଉଚିତ ।

ଆର.ପି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର:*
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।